**ଓଡିଶା ସରକାର**
**ସ୍ୱରାଷ୍ଟ୍ର ବିଭାଗ**

## <u>ଅଧିସୂଚନା</u>

**ଭୁବନେଶ୍ୱର, ତା.** ୨୫.୦୩.୨୦୨୪

ସଂଖ୍ୟା ସ୍ୱରାଷ୍ଟ୍ର – ନିଓପ୍ର – ସୃଷ୍ଟି୨ – ୦୦୧୦ – ୨୦୨୧ ୬୪୫୮୩ /ନିଓପ୍ର, ଭାରତୀୟ ନାଗରିକ ସୁରକ୍ଷା ସଂହିତା, 2023 (46 of 2023 ) ର ଉପଧାରା 2 .1. (u) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ଏବଂ ଉକ୍ତ ବିଷୟରେ ପୂର୍ବରୁ ଜାରି କରାଯାଇଥିବା ସମସ୍ତ ଅଧିସୂଚନା ଗୁଡିକୁ ଅଧିକ୍ରମଣକ୍ରମେ ରାଜ୍ୟ ସରକାର ଏତଦ୍ୱାରା କେନ୍ଦୁଝର ଜିଲ୍ଲାର ବଡବିଲ ଠାରେ **ବଡବିଲ ଟ୍ରାଫିକ ଥାନା** ପ୍ରତିଷ୍ଠା ଘୋଷଣା କରୁଛନ୍ତି ଯାହାର ନିମ୍ନଅନୁସୂଚୀର ସ୍ତମ୍ଭ (୨) ରେ ଉଲ୍ଲିଖିତ ସ୍ଥାନୀୟ କ୍ଷେତ୍ରମାନ ଅନ୍ତରଭୁକ୍ତ ହେବ । ଏହି ଅଧିସୂଚନା ଓଡିଶା ଗେଜେଟରେ ପ୍ରକାଶିତ ହେବା ତାରିଖଠାରୁ ବଳବତ୍ତର ରହିବ।

**<u>ଅନୁସୂଚୀ</u>**

| ପୋଲିସ ଥାନାର ନାମ | କ୍ଷେତ୍ର ପରିଧି |
|---|---|
| (୧) | (୨) |
| ବଡ଼ବିଲ ଟ୍ରାଫିକ ଥାନା | (୧) ସମଗ୍ର ବଡବିଲ ପୌରାଞ୍ଚଳ ।<br><br>(୨) ସମଗ୍ର ଯୋଡା ପୌରାଞ୍ଚଳ ।<br><br>(୩) ସମଗ୍ର ଚମ୍ପୁଆ ବିଜ୍ଞାପିତ ପରିଷଦ ଅଞ୍ଚଳ ।<br><br>(୪) ୫୨୦ ନମ୍ବର ଜାତୀୟ ରାଜପଥ ଏବଂ ୨୦ ନମ୍ବର ଜାତୀୟ ରାଜପଥର ବିସ୍ତୃତ ଥିବା ସମଗ୍ର ସଡକ ଭାରତୀୟ ଜାତୀୟ ରାଜପଥ ପ୍ରାଧିକାରୀଙ୍କ ଦ୍ୱାରା ଅଧିକୃତ ତଥା ପରିଚାଳିତ ଯାହାକି ବଡବିଲ ଥାନା, ଯୋଡା ଥାନା, ଚମ୍ପୁଆ ଥାନା ଓ ରୁଗୁଡ଼ି ଥାନା ର ଅନ୍ତର୍ଭୁକ୍ତ ଅଟେ ।<br><br>(୫) ୨୦ ନମ୍ବର ଜାତୀୟ ରାଜପଥର ବିସ୍ତୃତ ଥିବା ସମଗ୍ର ସଡକ ଭାରତୀୟ ଜାତୀୟ ରାଜପଥ ପ୍ରାଧିକାରୀଙ୍କ ଦ୍ୱାରା ଅଧିକୃତ ତଥା ପରିଚାଳିତ ଯାହାକି ବଡବିଲ ଥାନା, ଯୋଡା ଥାନା, ଚମ୍ପୁଆ ଥାନା ଓ ରୁଗୁଡ଼ି ଥାନାର ଅନ୍ତର୍ଭୁକ୍ତ ଅଟେ ।<br><br>(୬) ପୂର୍ତ୍ତ ତଥା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ର ଅଧୀନରେ ଥିବା ସମଗ୍ର ବିସ୍ତୃତ ସଡକ,ଗ୍ରାମ୍ୟ ଉନ୍ନୟନ ଯୋଜନା ବିଭାଗ, ଜଳସେଚନ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ଯାହାକି ବଡବିଲ ଥାନା, ଯୋଡା ଥାନା, ରୁଗୁଡ଼ି ଥାନା, ବାମେବାରି ଥାନା, ବଲାଣି ଥାନା, ଚମ୍ପୁଆ ଥାନା, ଝୁମ୍ପୁରା ଥାନା, ବାରିଆ ଥାନା ଓ ତୁରୁମୁଙ୍ଗା ଥାନା ର ଅନ୍ତର୍ଭୁକ୍ତ ଅଟେ । |

ରାଜ୍ୟପାଳଙ୍କ ଆଦେଶ କ୍ରମେ

25/3/2024

(ଡା. ସନ୍ତୋଷ ବାଲା, ଭା. ପୋ. ସେ)
ସ୍ୱତନ୍ତ୍ର ଶାସନ ସଚିବ

P.T.O.

ଜ୍ଞାପକ ସଂଖ୍ୟା ୨୪୬୮୪ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଯାଉଅଛି ଯେ, ସେ ଉକ୍ତ ଅଧିସୂଚନା କୁ ଓଡିଶା ଗେଜେଟ ର ଆଗାମୀ ଅସାଧାରଣ ଅଙ୍କ ରେ ପ୍ରକାଶିତ କରନ୍ତୁ ।

ତାଙ୍କୁ ଅନୁରୋଧ ଯେ ସେ ଉକ୍ତ ପ୍ରକାଶନର ୧୦ କିତା ନକଲ ସ୍ୱରାଷ୍ଟ୍ର ବିଭାଗ ର ନିର୍ଦ୍ଦେଶ ଓ ପ୍ରଶାସନିକ ଉପବିଭାଗ କୁ ପଠାଇବେ ।

ସୁଶ୍ରୀ ... ୧୫/୩/୨୦୨୪
ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୪୬୮୫ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ମହାନିର୍ଦ୍ଦେଶକ ଓ ଆରକ୍ଷୀ ମହାନିରୀକ୍ଷକ, ଓଡିଶା , କଟକ / ଉପ ନିର୍ଦ୍ଦେଶକ, ଜନଗଣନା ନିର୍ଦ୍ଦେଶାଳୟ, ୟୁନିଟ – ୯, ଜନପଥ, ଭୁବନେଶ୍ୱର / ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ / ବିଧି ବିଭାଗ / ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ / ଆୟୁକ୍ତ, ଭୂଲେଖ ଓ ବନ୍ଦୋବସ୍ତ, ଓଡିଶା, କଟକ / ସଦସ୍ୟ, ରାଜସ୍ୱ ପରିଷଦ, ଓଡିଶା, କଟକ / ରାଜସ୍ୱ ଡିଭିଜନାଲ ଆୟୁକ୍ତ (ଉତ୍ତର ପ୍ରଭାଗ), ସମ୍ବଲପୁର / ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, କେନ୍ଦୁଝର / ଉପଆରକ୍ଷୀ ମହାନିରୀକ୍ଷକ, ପଶ୍ଚିମାଞ୍ଚଳ, ରାଉରକେଲା ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସୁଶ୍ରୀ ... ୧୫/୩/୨୦୨୪
ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୪୬୮୬ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝର ଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ତାଙ୍କୁ ଅନୁରୋଧ ଯେ ସେ ଉକ୍ତ ପ୍ରକାଶନର ନକଲ ଆରକ୍ଷୀ ନିରୀକ୍ଷକ, ବଡବିଲ ଟ୍ରାଫିକ ଥାନା କୁ ପ୍ରଦାନ କରିବେ ।

ସୁଶ୍ରୀ ... ୧୫/୩/୨୦୨୪
ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୪୬୮୩ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ସ୍ୱରାଷ୍ଟ୍ର ବିଭାଗ ର ପୋଲିସ ସମ୍ପୃକ୍ତ ସମସ୍ତ ଉପବିଭାଗ / ସ୍ୱରାଷ୍ଟ୍ର (ବଜେଟ ଓ ଯୋଜନା) ବିଭାଗ / ସ୍ୱରାଷ୍ଟ୍ର (ସ୍ୱତନ୍ତ୍ର) ବିଭାଗ / ନିର୍ଦ୍ଦେଶ ଓ ପ୍ରଶାସନିକ ଉପବିଭାଗ ର ଗାର୍ଡ ଫାଇଲ (୫ କିତା ନକଲ) ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସୁଶ୍ରୀ ... ୧୫/୩/୨୦୨୪
ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୪୬୮୮ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ଯୋଗାଯୋଗ ଅଧିକାରୀ, ତଥ୍ୟ ପରିଚାଳନା ୟୁନିଟ୍, ସ୍ୱରାଷ୍ଟ୍ର ବିଭାଗ ଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସୁଶ୍ରୀ ... ୧୫/୩/୨୦୨୪
ଅତିରିକ୍ତ ଶାସନ ସଚିବ

2-730